## ଜମି ବିବାଦରୁ ମହିଳାଙ୍କୁ ମାଡ଼ମାରି ୨ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଜମିଜମା ବିବାଦକୁ ନେଇ ମହିଳାଙ୍କୁ ମାଡ଼ ଅଭିଯୋଗରେ ଶୁକ୍ରବାର ଏୟାରଫିଲ୍ଡ ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମୀର ଭୋଇ(୨୨) ଓ ସନ୍ତୋଷ ଭୋଇ(୩୦)। ଏ ନେଇ ଥାନାରେ ନଂ.୨୫୯/୨୦ରେ ଏକ ମାମଲା ରୁଜୁ ହୋଇଛି। ବିରିବନ୍ଧ ଅଞ୍ଚଳରେ ସୁମିତ୍ରା ଭୋଇ ହେଉଛନ୍ତି ୨ ଅଭିଯୁକ୍ତଙ୍କ ପଡ଼ୋଶୀ। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ହେବ ଜମି ବିବାଦ ଲାଗି ରହିଥିବାବେଳେ ଗୁରୁବାର ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମୀର ଓ ସନ୍ତୋଷ ପଡ଼ୋଶୀ ସୁମିତ୍ରାଙ୍କୁ ମାଡ଼ ମାରିଥିଲେ।

## ସଂକ୍ଷେପରେ

### ବେକେରୀ ଫ୍ୟାକ୍ଟ୍ରିରେ ଚଢ଼ାଉ: ୩୦ ହଜାର ଜରିମାନା ଆଦାୟ

**କଟକ ସଦର,୪।୧୨(ଡି.ଏନ.ଏ.):** ବାରଙ୍ଗ ବ୍ଲକ ନଗର ପଞ୍ଚାୟତ ମହିଧରପଡା ଗ୍ରାମର ଏକ ବେକେରୀ ଫ୍ୟାକ୍ଟ୍ରିରେ ଶୁକ୍ରବାର ଯୋଗାଣ, ମାପଓଜନ ଓ ଖାଦ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢାଉବେଳେ ଖାଦ୍ୟ ନିରାପତ୍ତା ଲାଇସେନ୍ସ ନ ଥିବା ଜଣାପଡିଥିଲା। ସମ୍ପୃକ୍ତ ବେକେରୀ ମାଲିକ ଅବିନାଶ ଜେନାଙ୍କଠାରୁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏହାଛଡା ଲାଇସେନ୍ସ ପାଇବା ପର୍ଯ୍ୟନ୍ତ ୟୁନିଟ୍ ବନ୍ଦ କରିବା ପାଇଁ ନୋଟିସ ଦିଆଯାଇଥିଲା। ଏହି ଚଢାଉରେ ଅତିରିକ୍ତ ସହକାରୀ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଖାଦ୍ୟ ନିରୀକ୍ଷକ ରାକେଶ ସାହୁ, ମାପ ଓ ଓଜନ ନିରୀକ୍ଷକ ଉଜ୍ଜ୍ୱଳ କେଶରୀ ମହାନ୍ତି, ଯୋଗାଣ ନିରୀକ୍ଷକ ମଧୁସ୍ମିତା ମାଝୀ ଓ ପୁନମ ଜେନା ପ୍ରମୁଖ ସାମିଲ ହୋଇଥିଲେ।

### ୨୨ରେ ଜିଲା ପରିଷଦ ନିର୍ବାଚନ

**କଟକ ସଦର,୪।୧୨(ଡି.ଏନ.ଏ.):** ଖାଲି ପଡିଥିବା ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡସଭ୍ୟ ପଦବୀ ପାଇଁ ଆସନ୍ତା ୨୨ ତାରିଖରେ ମଧବର୍ତ୍ତୀକାଳିନ ନିର୍ବାଚନ ଅନୁଷ୍ଠିତ ହେବ। ଏ ନେଇ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ପତ୍ରସଂଖ୍ୟା ୨୪୦୨/୪।୧୨।୨୦ରେ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ରୀୟ ନିର୍ବାଚନ ଆୟୁକ୍ତଙ୍କ ଗାଇଡ୍‌ଲାଇନ୍‌କୁ ଅନୁସରଣ କରାଯାଇ ସକାଳ ୭ଟାରୁ ମଧାହ୍ନ ୧୨ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯିବ। ଗତ ମାର୍ଚ୍ଚ ୨୪ରେ ହେବାକୁ ଥିବା ନିର୍ବାଚନକୁ କରୋନା ପାଇଁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। କଟକ ଜିଲା ପରିଷଦ ୭ନଂ. ଜୋନ୍‌ର ସଭ୍ୟ ପଦ ପାଇଁ ମଧ ନିର୍ବାଚନ ହେବ।

### ରାସ୍ତାରେ ବେଆଇନ ପାର୍କିଂ

**ପୁରୁଣା ଭୁବନେଶ୍ୱର,୪।୧୨(ଡି.ଏନ୍.ଏ.):** ରାଜଧାନୀର ବିଭନ୍ନ ଛକ, ରାସ୍ତା ଉପରେ ବେଆଇନ ଭାବେ ଯାନବାହନ ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି। ଲୁଇସ୍ ରୋଡସ୍ଥିତ କୋର୍ଟ ନିକଟରେ ବେଆଇନ ଭାବେ ପାର୍କିଂ କରାଯାଉଛି। କୋର୍ଟକୁ ଆସୁଥିବା ଲୋକମାନେ ରାସ୍ତା ଉପରେ ଗାଡ଼ି ରଖିବା ଦ୍ୱାରା ଯାନବାହନ ଚଳାଚଳରେ ବାଧାପ୍ରାପ୍ତ ହେବା ସହ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଏ ନେଇ ଆଇନଜୀବୀ ସଞ୍ଜୀବ ପୂଜାପଣ୍ଡା ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଏମ୍‌ସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### କ୍ୟାନ୍‌ସର ହସ୍ପିଟାଲର ସମ୍ପ୍ରସାରଣ କରାଯିବ

**କଟକ ଅଫିସ, ୪।୧୨:** ଏସ୍‌ସିବି ମେଡିକାଲ ସହିତ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନର ସମ୍ପ୍ରସାରଣ କରାଯିବ। ଗୋଟିଏ ପରିସରରେ ଦୁଇ ହସ୍ପିଟାଲ ରହିବ। ଏନେଇ ଶୁକ୍ରବାର କେନ୍ଦ୍ରାଞ୍ଚଳ ଆରଡିସି ଅନିଲ ସାମଲ ବିଧିବଦ୍ଧ ଘୋଷଣା କରିଛନ୍ତି। ହରିୟାଣାର ଏଇକନ୍ ସଂସ୍ଥା ଉଭୟ ହସ୍ପିଟାଲ ସମ୍ପ୍ରସାରଣର ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛି। ଏସ୍‌ସିବି ପାଇଁ ୩ହଜାର ଓ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ପ୍ରତିଷ୍ଠାନ ପାଇଁ ୬୦୦ ଶଯ୍ୟାର ହସ୍ପିଟାଲ ନିର୍ମାଣ ନିମନ୍ତେ କାର୍ଯ୍ୟ କରାଯିବ ବୋଲି କର୍କଟ ରୋଗ ପ୍ରତିଷ୍ଠାନର ନିର୍ଦ୍ଦେଶକ ଲଲାଟେନ୍ଦୁ ଷଡଙ୍ଗୀ କହିଛନ୍ତି।

# ରାଜ୍ୟରେ ମ୍ୟାଲେରିଆ ୪୦.୩୯% କମିଛି

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

ବିଶ୍ୱ ମ୍ୟାଲେରିଆ ରିପୋର୍ଟ ୨୦୨୦



ମ୍ୟାଲେରିଆ ହ୍ରାସ କରିବାରେ ଭାରତ ଯଥେଷ୍ଟ ଅଗ୍ରଗତି କରିଛି। ୨୦୧୮ ତୁଳନାରେ ୨୦୧୯ରେ ୧୭.୬% ହ୍ରାସ ପାଇଥିବା ବିଶ୍ୱ ମ୍ୟାଲେରିଆ ରିପୋର୍ଟ-୨୦୨୦ରେ ପ୍ରକାଶ ପାଇଛି। ତେବେ ଦେଶରେ ମ୍ୟାଲେରିଆ ହ୍ରାସ କରାଇବାରେ ଓଡ଼ିଶାର ପ୍ରମୁଖ ଅବଦାନ ରହିଛି। ରାଜ୍ୟରେ ୨୦୧୭ ତୁଳନାରେ ୨୦୧୮ରେ ସର୍ବାଧିକ ୮୧% ହ୍ରାସ ପାଇଥିଲା। ୨୦୧୯ରେ ୩୯,୫୫୬ ମ୍ୟାଲେରିଆ କେସ୍ ରହିଥିବାବେଳେ ଏହା ୨୦୧୮ଠାରୁ ୪୦.୩୯% କମ୍। ୨୦୧୮ରେ ମୋଟ ପଜିଟିଭିଟି ରେଟ୍ ୧.୦୮% ଥିବାବେଳେ ୨୦୧୯ରେ ୦.୬%କୁ ଖସି ଆସିଥିବାରୁ ମ୍ୟାଲେରିଆ ନିରାକରଣ କ୍ଷେତ୍ରରେ ଏହା ରାଜ୍ୟର ବଡ଼ ସଫଳତା ବୋଲି କୁହାଯାଉଛି। ଜାତୀୟସ୍ତରରେ ମ୍ୟାଲେରିଆ ହାର ହ୍ରାସ କରିବାରେ ୨୦୧୬ରୁ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି। ରାଜ୍ୟ ସରକାରଙ୍କ ଦୃଢ଼ ତଥା ଶକ୍ତିଶାଳୀ ପଦକ୍ଷେପ ଓ ନିରନ୍ତର ପ୍ରୟାସ ଯୋଗୁ ମ୍ୟାଲେରିଆ ଧୀରେ ଧୀରେ ନିୟନ୍ତ୍ରଣକୁ ଆସିଥିଲା। ଓଡ଼ିଶାରେ ୨୦୧୬ରେ ରେକର୍ଡ ସଂଖ୍ୟକ ୪,୪୪,୮୪୨ ମାମଲା ରହିଥିଲା। ଏହା ଜାତୀୟ ହାରର ୪୦.୯୧% ଥିଲା। ସେହିବର୍ଷ ମୃତ୍ୟୁ ହାର ମଧ ୨୩.୨୬% ରହିଥିଲା। ୨୦୧୭ରେ ମ୍ୟାଲେରିଆ ମାମଲା ସଂଖ୍ୟା ୩,୪୭,୮୬୦କୁ ଖସିଥିଲା। ସେହିଭଳି ମୃତ୍ୟୁ ସଂଖ୍ୟା କମିବା ସହିତ ଜାତୀୟ ହାର ମଧ ହ୍ରାସ ପାଇଥିଲା। ୨୦୧୬ରେ ଓଡ଼ିଶାରେ ମୃତ୍ୟୁ ସଂଖ୍ୟା ୭୭ ଥିବାବେଳେ ୨୦୧୭ରେ ୨୪କୁ ଖସି ଆସିଥିଲା, ଯାହା ଜାତୀୟ ହାରର ୧୨.୩୭% ଥିଲା। ୨୦୧୮ରେ ମାମଲା ସଂଖ୍ୟା ୬୬,୩୧୧ ଓ ମୃତ୍ୟୁ ସଂଖ୍ୟା ୩କୁ ଖସି ଆସିଥିବାବେଳେ ୨୦୧୯ରେ ୩୯,୫୫୬ ମ୍ୟାଲେରିଆ ରୋଗୀ ଚିହ୍ନଟ ହୋଇଥିବାବେଳେ ୯ଜଣଙ୍କ ମୃତ୍ୟୁ ହୋଇଛି।




କେନ୍ଦ୍ର ସରକାରଙ୍କ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ।

# ଖୋଲିବ କଲେଜ: କ୍ୟାମ୍ପସ୍ ବିଶୋଧନ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

କରୋନା ପାଇଁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଛି। ତେବେ ସ୍ଥିତିରେ ସୁଧାର ଆସୁଥିବାରୁ ଆଗାମୀ ଦିନରେ ସ୍କୁଲ୍ ଓ କଲେଜ ଖୋଲିବାକୁ ପ୍ରକ୍ରିୟା ଚାଲିଛି। ତେବେ ଖୁବ୍‌ଶୀଘ୍ର କଲେଜ ଖୋଲିବା ସହ ପାଠପଢ଼ା ଆରମ୍ଭ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେଣୁ ରାଜ୍ୟର ଯୁକ୍ତ ୨ କଲେଜ କ୍ୟାମ୍ପସ୍‌କୁ ଆବଶ୍ୟକ ବିଶୋଧନ ସହ ସଫେଇ କରିବା ଲାଗି ଶୁକ୍ରବାର ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସମସ୍ତ ସରକାରୀ ଏବଂ ଘରୋଇ କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲାବରେଟୋରି, କ୍ଲାସ୍‌ରୁମ୍, ଶୌଚାଳୟ ଆଦି ପ୍ରସ୍ତୁତ ରଖିବାକୁ କୁହାଯାଇଛି। ଏ ସଂକ୍ରାନ୍ତରେ ସପ୍ତାହକ ଭିତରେ ରିପୋର୍ଟ ଦେବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି।

# ବିବାହରେ ୧୦୦, ଶୁଦ୍ଧିକ୍ରିୟାରେ ୫୦

**କଟକ ଅଫିସ,୪।୧୨**

### ସିଏମ୍‌ସିର ନୂଆ କୋଭିଡ୍ ମାର୍ଗଦର୍ଶିକା

ସାମାଜିକ ଉତ୍ସବ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି। ଏହା କେବଳ ଚଳିତ ଡିସେମ୍ବର ପାଇଁ ଉର୍ଦ୍ଧିଷ୍ଟ ରହିବ। ନୂଆ ମାର୍ଗଦର୍ଶିକା ଅନୁଯାୟୀ, ବାହାଘରରେ ୧୦୦ ଓ ଶୁଦ୍ଧିକ୍ରିୟାରେ ୫୦ ଜଣ ଯୋଗଦେବା ପାଇଁ ଅନୁମତି ଦିଆଯାଇଛି । ବିବାହ ଆୟୋଜନ ପାଇଁ ସିଏମ୍‌ସି ଓ ସ୍ଥାନୀୟ ପୋଲିସର ଅନୁମତି ଥିବା ଆବଶ୍ୟକ । ଏହାଛଡା ବିବାହ ଶୋଭାଯାତ୍ରାରେ ରୋଷଣୀ ଓ ପଟୁଆରକୁ ବାରଣ କରାଯାଇଛି। ସେହିପରି ୧୦ବର୍ଷରୁ କମ୍ ବୟସର ପିଲା, ବୟସ୍କ, ଗର୍ଭବତୀ ମହିଳା ତଥା ସଂକ୍ରମିତ ବ୍ୟକ୍ତିଙ୍କୁ ଉକ୍ତ ସ୍ଥାନକୁ ଯିବା ପାଇଁ ବାରଣ କରାଯାଇଛି। ସୂଚନାଥାଉ କି, ପୂର୍ବ ମାସ ଅପେକ୍ଷା ବର୍ତ୍ତମାନ କଟକ ସହରରେ ସଂକ୍ରମଣ ଏକ ପ୍ରକାର ନିୟନ୍ତ୍ରଣ ସ୍ଥିତିରେ ଅଛି। ଚଳିତ ମାସରେ ଦୈନିକ ପ୍ରାୟ ୧୫ ଜଣ ନୂଆ ସଂକ୍ରମିତ ଚିହ୍ନଟ ହେଉଛନ୍ତି । ତେଣୁ ଏହି ସ୍ଥିତିରେ ଅଧିକ ସୁଦ୍ଧାର ଆଣିବା ପାଇଁ ସିଏମ୍‌ସି ତରଫରୁ ସମସ୍ତ ପ୍ରଚେଷ୍ଟା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଏବେବି ସିଏମ୍‌ସି ଅଞ୍ଚଳରେ ଅଧିକ ସଂଖ୍ୟାରେ ଟେଷ୍ଟିଂ କରାଯାଉଛି ବୋଲି ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି।

## ରାଧାକିଶୋରପୁର ରେଳ ଅଣ୍ଡର ବ୍ରିଜ ଉଦ୍‌ଘାଟିତ

**ଖୁଣ୍ଟୁଣୀ, ୪।୧୨(ଡି.ଏନ.ଏ.)**

ପୂର୍ବତଟ ରେଲୱେ ଅନ୍ତର୍ଗତ ରାଧାକିଶୋରପୁର ରେଳ ଅଣ୍ଡର ବ୍ରିଜ ଶୁକ୍ରବାର କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଅପରାହ୍ନରେ ରାଧାକିଶୋରପୁର ରେଳ ଷ୍ଟେଶନ ନିକଟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତଟ ରେଲୱେର ଅତିରିକ୍ତ ଡିଭିଜନାଲ ମ୍ୟାନେଜର କଲ୍ୟାଣ ପଟ୍ଟନାୟକ, ଖୋର୍ଦ୍ଧା ସିନିୟର ଡିଭିଜନାଲ କମରସିଆଲ ମ୍ୟାନେଜର ଅମିତେଶ ଆନନ୍ଦ, ଲୋକସମ୍ପର୍କ ଅଧିକାରୀ ନିହାର ରଞ୍ଜନ ମହାନ୍ତି, ସରପଞ୍ଚ ଭୁବନେଶ୍ୱର ସ୍ୱାଇଁ, ବିଜେଡି ନେତା ଭାଗୀରଥି କର, ଗ୍ରାମ ସଭାପତି ଶେଷଦେବ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନ୍ୟତମ ପଥ ପ୍ରଦର୍ଶକ ବଳରାମ ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କଣ୍ଟାବନ୍ଧ ଜମ୍ବେଶ୍ୱର ମନ୍ଦିର ରୋଷଗୃହ, କୋଠାଘର, ଖେଳ ପଡିଆ ଅତିଥିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଯୁବ ବିଜେଡି ନେତା ଆଶୁତୋଷ କର କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

# ‘ଫୁଲ ବଉଳବେଣୀ’ ଉନ୍ମୋଚିତ

**ଚୌଦ୍ୱାର,୪।୧୨(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ଆଞ୍ଚଳିକ ପେଶାଦାର ସାମ୍ବାଦିକ ସଂଘର ୫ମ ସ୍ୱନକ୍ଷତ୍ର ଦିବସ ଓ ସଂଗଠନର ମୁଖପତ୍ର ‘ଫୁଲ ବଉଳବେଣୀ’ର ଉନ୍ମୋଚନ ଉତ୍ସବ ସ୍ଥାନୀୟ ଯଯାତି କେଶରୀ କ୍ଲବ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦୀପକ କୁମାର ମଙ୍ଗରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ, ଅନ୍ୟତମ ଅତିଥି ଭାବେ ଲୋକ ସେବକ ମଣ୍ଡଳର ଆଜୀବନ ସଦସ୍ୟ ଡ. ପ୍ରଭାସ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଧାୟକ ପ୍ରଶାନ୍ତ ବେହେରା, ପୂର୍ବତନ କାଉନସିଲର ଶୁଭେନ୍ଦୁ ସାମଲ, ଚୌଦ୍ୱାର ନଗର ବିଜେଡି ସଭାପତି ବିଷ୍ଣୁ ଚରଣ ପରିଡା, ସାମାଜିକ କର୍ମୀ ଦିଲୀପ ଛତାର, ନାରୀନେତ୍ରୀ ଜ୍ୟୋତ୍ସ୍ନାରାଣୀ ପରିଡା ଯୋଗଦେଇଥିଲେ। ସଂଘର ମୁଖପତ୍ର ଉନ୍ମୋଚିତ ହେବା ସହ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଜିତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା ଓ ପଦ୍ମନାଭ ବରାଳ ଧନ୍ୟବାଦ ଦେଇଥିଲେ।

# ଲାଲବାଗ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**କଟକ ଅଫିସ, ୪।୧୨**

### ମାସ୍କ ଚେକିଂବେଳେ ଯୁବତୀଙ୍କୁ ଦୁର୍ବ୍ୟବହାର ପ୍ରସଙ୍ଗ

ମାସ୍କ ଚେକିଂବେଳେ ଯୁବତୀଙ୍କୁ ପୋଲିସ ଦୁର୍ବ୍ୟବହାର କରିବା ପ୍ରସଙ୍ଗର ଶୁଣାଣି ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ ବିଶ୍ୱଜିତ୍ ମହାନ୍ତିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଉକ୍ତ ମାମଲାର ଶୁଣାଣି କରି ୪ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଲାଲବାଗ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ମାସ ୧୭ ତାରିଖରେ କଟକ ମଙ୍ଗଳାବାଗ ଅଞ୍ଚଳରେ ଜଣେ ଯୁବତୀ ଆଇସ୍‌କ୍ରିମ ଖାଇବା ପରେ ମାସ୍କ ପିନ୍ଧିବା ଲାଗି ପ୍ରସ୍ତୁତ ହେଉଥିଲେ। ସେହି ସମୟରେ ହଠାତ୍ ପୋଲିସ ଆସି ମାସ୍କ ଚେକିଂ କରିଥିଲା। ଯୁବତୀଙ୍କ ମୁହଁରେ ମାସ୍କ ନ ଥିବା ନେଇ ପୋଲିସ ଯୁକ୍ତିତର୍କ କରିବା ସହ ତାଙ୍କୁ ଠେଲି ଦେଇଥିଲା । ଏ ନେଇ ସମ୍ପୃକ୍ତା ଯୁବତୀ ଅଭିଯୋଗ କରିବା ପାଇଁ ଲାଲବାଗ ଥାନାକୁ ଯାଇଥିଲେ। ସେଠାରେ ପୋଲିସ ଅଭିଯୋଗ ଗ୍ରହଣ ନ କରିବା ସହ ଗାଳିଗୁଲଜ କରିଥିଲା। ପରେ ଯୁବତୀ ଜଣଙ୍କ ଅଭିଯୋଗର ଏକ କପି କଟକ ଡିସିପିଙ୍କ ଉଦ୍ଦେଶ୍ୟରେ ୨୩।୧୧।୨୦ରେ ରେଜିଷ୍ଟ୍ରୀ ପୋଷ୍ଟରେ ପଠାଇଥିଲେ। କିନ୍ତୁ ପୋଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା । ଶେଷରେ ସେ ୨୭।୧୧।୨୦ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଉକ୍ତ ମାମଲାର ଶୁଣାଣି କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିବା ଆବେଦନକାରୀଙ୍କ ଓକିଲ ଆର୍. କେ. ରାଉତରାୟ କହିଛନ୍ତି ।

## ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିକଲା ଓଏସ୍‌ଜିଆଇପିଏ

**ଭୁବନେଶ୍ୱର, ୪।୧୨(ବ୍ୟୁରୋ)**

କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ୍‌କୁ ବିରୋଧକରି ଦେଶବ୍ୟାପୀ କୃଷକ ଆନ୍ଦୋଳନ ଜାରି ରହିଛି। ଏହାକୁ ଅଖିଳ ଭାରତ ବୀମା ପେନ୍‌ସନ୍‌ଧାରୀ ସଂଘ ସମର୍ଥନ ଦେଉଥିବାବେଳେ ଓଡ଼ିଶା ରାଜ୍ୟ ସାଧାରଣ ବୀମା ପେନ୍‌ସନଭୋଗୀ ସଂଘ (ଓଏସ୍‌ଜିଆଇପିଏ) ମଧ ଏଥିରେ ସାମିଲ ହୋଇଛି। ସଂଘ ପକ୍ଷରୁ ପ୍ରଦୀପ୍ତ କୁମାର ମହାନ୍ତି କହିଛନ୍ତି, ନୂତନ କୃଷି ଆଇନ ସମ୍ପୂର୍ଣ୍ଣ କୃଷକ ବିରୋଧୀ। ଏହି ଆଇନ ଯୋଗୁ ଦେଶର କୃଷି କ୍ଷେତ୍ର ପୁଞ୍ଜିପତିଙ୍କ ନିୟନ୍ତ୍ରଣକୁ ଚାଲିଯିବ। ଖାଉଟିଦ୍ରବ୍ୟର ମନଇଚ୍ଛା ବୃଦ୍ଧି ଘଟିବ। ତେଣୁ ଏହି ଆଇନକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ସରକାର ଏହି ଆନ୍ଦୋଳନକୁ ଦବାଇ ଦେବାକୁ ଯେଉଁ ପଦକ୍ଷେପ ନେଉଛନ୍ତି ତାହା ଅଗଣତାନ୍ତ୍ରିକ ଓ ଦୁର୍ଭାଗ୍ୟଜନକ ବୋଲି ମହାନ୍ତି କହିଛନ୍ତି।

# ପାଠ୍ୟ ଶୁଳ୍କ ହ୍ରାସ ଦାବିରେ ଅନଶନ

### ରେଭେନ୍‌ଶା ବିଶ୍ୱବିଦ୍ୟାଳୟ

**କଟକ ଅଫିସ, ୪।୧୨**




ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସେଲ୍‌ଫ ଫାଇନାନ୍ସିଂ ଛାତ୍ରୀଛାତ୍ରମାନେ ପାଠ୍ୟଶୁଳ୍କ ହ୍ରାସ କରିବା ଦାବି ନେଇ ଶୁକ୍ରବାର କୁଳପତିଙ୍କ ଅଫିସ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ଛାତ୍ରୀଛାତ୍ରମାନେ ଅଭିଯୋଗରେ ଦର୍ଶାଇଛନ୍ତି, କିଛିଦିନ ତଳେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ପାଠ୍ୟଶୁଳ୍କ କମାଇବାକୁ ଦାବି କରାଯାଇଥିଲା। ହେଲେ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେଇ ପାଠ୍ୟଶୁଳ୍କ ଦୁଇଟି କିସ୍ତିରେ ଦେବାକୁ ନୋଟିସ୍‌ରେ ଜଣାଇଛନ୍ତି। ଛାତ୍ରୀଛାତ୍ରମାନେ ପାଠ୍ୟଶୁଳ୍କକୁ ୨୦ରୁ ୩୦ ପ୍ରତିଶତ ରିହାତି କରିବାକୁ ଦାବି କରିଛନ୍ତି। ଯେପର୍ଯ୍ୟନ୍ତ ଉକ୍ତ ଶୁଳ୍କ ରିହାତି ନ କରାଯାଇଛି ଅନଶନରୁ ଉଠିବେ ନାହିଁ ବୋଲି ଛାତ୍ରୀମାନେ କହିଛନ୍ତି। ଏହି ଅନଶନରେ ଆଶୁତୋଷ ରାଉତ, ସୌମ୍ୟରଞ୍ଜନ ସ୍ୱାଇଁ, ଆଶିଷ ଖୁଣ୍ଟିଆ, ସୋନଲ ତରାଇ, ମୁକେଶ ଲେଙ୍କା, ହର୍ଷିତା ପ୍ରିୟଦର୍ଶିନୀ, ସୌମ୍ୟରଞ୍ଜନ ସେଠୀ ପ୍ରମୁଖ ସାମିଲ ହୋଇଛନ୍ତି ।

# ଅଟଳ ଟିଙ୍କରିଂ ଲାବ୍ ଉଦ୍‌ଘାଟିତ

**କଟକ ଅଫିସ, ୪।୧୨**

ନୂଆବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଟଳ ଟିଙ୍କରିଂ ଲାବ୍ (ଏଟିଏଲ୍) ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ମସଲାର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ରାମାଶିଷ ହାଜରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ସଂଗ୍ରାମ କେଶରୀ ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ପରିଚାଳନା ସମିତି ଉପସଭାପତି ବିଭୂତି ଭୂଷଣ ପୃଷ୍ଟି, ସଦସ୍ୟ ରମେଶ ଚନ୍ଦ୍ର ଦାସ, କାଦମ୍ବିନୀ ରାଉତ, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ଚରଣ ସାହୁ, ସହ ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ନାୟକ, ଦୟାନିଧି ଚୌଧୁରୀ, ବନ୍ଦନା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ସହ ସମ୍ପାଦକ ହୃଷୀକେଶ ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହ ଅନ୍ୟାମାନେ।

## ସ୍ମାରକ ଜାତୀୟ ପତାକା ଉଦ୍‌ଘାଟିତ

**କଟକ ଅଫିସ, ୪।୧୨**

କଟକ ରେଳ ଷ୍ଟେଶନଠାରେ ସ୍ମାରକ ଜାତୀୟ ପତାକା ଏମ୍‌ପି ଭର୍ତ୍ତୃହରି ମହତାବଙ୍କ ଦ୍ୱାରା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ରେଳ ଷ୍ଟେଶନର ସୌନ୍ଦର୍ଯ୍ୟକରଣରେ ଉନ୍ନତି ଆଣିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏହି ପତାକାକୁ ସ୍ଥାପନା କରାଯାଇଛି। ଏହି ପତାକା ସ୍ଥାପନ ପାଇଁ ମୋଟ ୮.୨୭ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ୪୦ଲକ୍ଷ ହଡ଼ପ ଘଟଣା: ପିଇଓ ନିଲମ୍ବିତ

**ପାରଳାଖେମୁଣ୍ଡି, ୪।୧୨(ଡି.ଏନ୍.ଏ.)**



ସାରଳା ରାବଣାମ୍ମା।

ସରକାରୀ ଟଙ୍କା ହଡପ ଅଭିଯୋଗରେ ଗଜପତି ଜିଲାପାଳ ଗୁମ୍ମା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ସାରଳା ରାବଣାମ୍ମାଙ୍କୁ ନିଲମ୍ବିତ କରିଛନ୍ତି। ସାରଳା ସରକାରୀ ଆକାଉଣ୍ଟରୁ ୨୯ଟି ଚେକ୍ ବ୍ୟବହାର କରି ୬ଟି ଆକାଉଣ୍ଟକୁ ୪୦ଲକ୍ଷ ୫ହଜାର ୭ଶହ ଟଙ୍କା ପଠାଇ ହଡପ କରିଥିବା ତଦନ୍ତରୁ ଜଣାପଡିଛି ବୋଲି ଗୁମ୍ମା ବିଡିଓ ନଟବର ଗରଡା କହିଛନ୍ତି। ଏହି ଟଙ୍କା ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗର ୬ଜଣଙ୍କ ଆକାଉଣ୍ଟରେ ଏହି ଟଙ୍କା ଜମା ହୋଇଛି। ଏସ୍‌ବିଆଇର ଆଣ୍ଟି ମନି ଲଣ୍ଡରିଂ ବିଭାଗରୁ ଗୁମ୍ମା ଶାଖା ପରିଚାଳକଙ୍କୁ କିଛିଦିନ ତଳେ ପତ୍ର ଆସିବା ପରେ ଟଙ୍କା ହଡପ ସମ୍ପର୍କରେ ଜଣାପଡିଥିଲା। ଫଳରେ ବିଡିଓ ଏକ ସ୍ୱତନ୍ତ୍ର ଦଳ ଗଠନ କରି ତଦନ୍ତ କରିଥିଲେ। ବିଡିଓ ଗରଡା କହିଛନ୍ତି, ଏନେଇ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯିବ ଓ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ତଦନ୍ତ ପରେ ଜଣାପଡିବ।

# କଥକରେ କୃଷ୍ଣରାସ, ଓଡ଼ିଶୀରେ ଚକ୍ରବ୍ୟୂହ

**କୋଣାର୍କ,୪।୧୨(ଡି.ଏନ୍.ଏ.)**

### କୋଣାର୍କ ଉତ୍ସବର ଚତୁର୍ଥ ସନ୍ଧ୍ୟା




ପର୍ଯ୍ୟଟନ ବିଭାଗ ଦ୍ୱାରା ଆୟୋଜିତ କୋଣାର୍କ ଉତ୍ସବର ଶୁକ୍ରବାର ଚତୁର୍ଥ ସନ୍ଧ୍ୟାରେ କଥକ ଓ ଓଡ଼ିଶୀ ନୃତ୍ୟର ନିଖୁଣ ଉପସ୍ଥାପନା ସନ୍ଧ୍ୟା ସମୟକୁ ଚିତ୍ତାକର୍ଷକ କରିଥିଲା। ଏହାସହ ଚନ୍ଦ୍ରଭାଗାର ବେଳାଭୂମିରେ ହେଉଥିବା ବାଲୁକାକଳା ସଚେତନତାର ଭିନ୍ନ ବାର୍ତ୍ତା ଦେଇଥିଲା। ଉତ୍ସବର ପ୍ରଥମ ସନ୍ଧ୍ୟାରେ ଶାସ୍ତ୍ରୀୟ ନୃତ୍ୟ ପର୍ଯ୍ୟାୟରେ କଥକ ନୃତ୍ୟ ନେଇ ମଞ୍ଚ ପ୍ରବେଶ କରିଥିଲେ ରନନ୍ ଅନୁଷ୍ଠାନର ଶିଳ୍ପୀ। ପଦ୍ମଶ୍ରୀ ରାଣୀ କର୍ଣ୍ଣାଙ୍କ ସଂଯୋଜନାରେ ଶାସ୍ତ୍ରୀୟ କଥକ ନୃତ୍ୟର ମହାର୍ଘ ପରମ୍ପରା, ବିବିଧତା ଓ ପ୍ରାଚୁର୍ଯ୍ୟର ଗାଥାକୁ ତୋଳି ଧରିଥିଲା ଅଭିନୟ ବୈଚିତ୍ର୍ୟ। ପ୍ରଥମ ଅର୍ଘ ରାସରେ ରାଧା-କୃଷ୍ଣଙ୍କ ମିଳନର ଅବତାରଣା ହୋଇଥିବାବେଳେ ଦ୍ୱିତୀୟ ପ୍ରସ୍ତୁତିରେ ୧୧ମାତ୍ରା ଯୁକ୍ତ ରୁଦ୍ରତାଲ ୧୬ ମାତ୍ରା ଯୁକ୍ତ ତିନ୍ ତାଲ ଆଧାରରେ ଶ୍ରୀକୃଷ୍ଣଙ୍କ ଚକ୍ରଧାରଣ ସ୍ୱରୂପକୁ ମଞ୍ଚସ୍ଥ କରିଥିଲେ ଶିଳ୍ପୀ। ବିକ୍ରମ ଆୟେଙ୍ଗର, ଦେବଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ସହ ରନନ୍‌ର ଶିଳ୍ପୀସମୂହଙ୍କ ଅନ୍ତିମ ପ୍ରସ୍ତୁତିରେ ସୂର୍ଯ୍ୟଙ୍କ ଆବାହନୀ ଦିବାକର ମଞ୍ଚସ୍ଥ ହୋଇଥିଲା। ଦ୍ୱିତୀୟ ଚରଣରେ ଓଡ଼ିଶୀକୁ ନେଇ ଆସିଥିଲେ ରୁଦ୍ରାକ୍ଷ ଫାଉଣ୍ଡେଶନର ଶିଳ୍ପୀଗଣ। ଗୁରୁ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ନୃତ୍ୟ ସଂଯୋଜନାରେ ପ୍ରସ୍ତୁତ ହୋଇଥିଲା କୃଷ୍ଣ ଓ କାଳୀଙ୍କ ଅଭେଦତ୍ୱ ଆଧାରିତ କୃଷ୍ଣକାଳୀ। ଗୁରୁ ରାମହରି ଦାସଙ୍କ ସଙ୍ଗୀତ ସଂଯୋଜନା ଓ ଗୁରୁ ଧନେଶ୍ୱର ସ୍ୱାଇଁଙ୍କ ତାଳବାଦ୍ୟ ରଚନାକୁ ନେଇ ଏହା ହୋଇଥିଲା ସଜ୍ଜିତ। ପରେ ରୁଦ୍ରାକ୍ଷ ଫାଉଣ୍ଡେଶନ ପ୍ରସ୍ତୁତିରେ ମହାଭାରତର ଚକ୍ରବ୍ୟୂହ ପ୍ରସଙ୍ଗର ଅବତାରଣା ବୀର ରସ ଓ କରୁଣ ରସର ମିଶ୍ରଭାବକୁ ତୋଳି ଧରିଥିଲା। ଗୁରୁ ସଦାଶିବ ପ୍ରଧାନଙ୍କ ଆଲେଖ୍ୟକୁ ନେଇ ଶିଳ୍ପୀମାନଙ୍କ ଅଭିନୟ ଏକ ଆବେଗମୟ ଅନୁଭବ ଦେଇଥିଲା। ସନ୍ଧ୍ୟାର ଅତିଥିଭାବେ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା, ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ସନ୍ଦୀପ କୁମାର ତ୍ରିପାଠୀ, ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ପର୍ଯ୍ୟଟନ ବିଭାଗର ଯୁଗ୍ମ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ଓ ସଂହତି ପାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ପର୍ଯ୍ୟଟନ ଅଧିକାରୀ ରତିକାନ୍ତ ପଟ୍ଟନାୟକଙ୍କ ସହ ଡ. ସଙ୍ଗୀତା ଗୋସାଇଁ ଓ ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ କୁମାର ରଥ ସହଯୋଗ ରଖିଥିଲେ।

## ୭ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ଖୋର୍ଦ୍ଧା ଅଫିସ:** ଖୋର୍ଦ୍ଧା ଅବକାରୀ ଏବଂ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ବିଭାଗ ଶୁକ୍ରବାର ମିଳିତ ଭାବେ ଚଢ଼ାଉ କରି ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବୋଲଗଡ଼ ଥାନା ଅଧୀନ ଫାସିଅଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମର ନିରଞ୍ଜନ ସାହୁ(୫୯)। ତାଙ୍କଠାରୁ ୭କେଜି ଗଞ୍ଜେଇ ଜବତ କରାଯାଇଛି। ସୂଚନା ଅନୁଯାୟୀ, କୌଣସି ସୂତ୍ରରୁ ଖବରପାଇ ଅବକାରୀ ସ୍କ୍ୱାଡ୍ ଶୁକ୍ରବାର ସକାଳେ ନିରଞ୍ଜନଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ତାଙ୍କ ଠାରୁ ଗଞ୍ଜେଇ ଜବତ ହୋଇଥିଲା। ଏ ସମ୍ପର୍କରେ ଏକ ମାମଲା (ନଂ.୩୦/୨୦) ରୁଜୁ କରାଯିବା ପରେ ନିରଞ୍ଜନଙ୍କୁ କୋର୍ଟଚାଲାଣ କରାଯାଇଥିଲା ବୋଲି ଖୋର୍ଦ୍ଧା ଅବକାରୀ ଇନସ୍ପେକ୍ଟର ରଞ୍ଜନ ନାୟକ କହିଛନ୍ତି।

**ସଂକ୍ଷେପରେ**

## ବ୍ୟବସାୟ ପ୍ରତିଷ୍ଠାନରେ ଯୋଗାଣ ବିଭାଗର ଯାଞ୍ଚ

**ଖୋର୍ଦ୍ଧା ଅଫିସ,୪।୧୨:** ଜିଲାପାଳ ସନତ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଯୋଗାଣ ବିଭାଗ ଅଧିକାରୀମାନେ ଜିଲାର ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଯାଞ୍ଚ କରିଥିଲେ। ଆଳୁ ଓ ପିଆଜ ଅତ୍ୟାବଶ୍ୟକ ସାମଗ୍ରୀ ବଜାରରେ ଉପଲବ୍ଧ କରାଇବା ଏବଂ ଖାଉଟିଙ୍କୁ ସୁଲଭ ମୂଲ୍ୟରେ ବିକ୍ରି କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଏହି ଯାଞ୍ଚ କରିଥିଲେ। ଖୋର୍ଦ୍ଧା, ଟାଙ୍ଗୀ, ଜଟଣୀ, ବାଲୁଗାଁ, ବାଣପୁର, ବାଲକାଟୀ, ବନମାଳିପୁର ଆଦି ବଜାରରେ ବିଭିନ୍ନ ବିପଣନ କେନ୍ଦ୍ରରେ ବିକ୍ରେତାଙ୍କୁ ଆଳୁ, ପିଆଜରେ ଅଧିକ ଲାଭ ନ ରଖି ଖାଉଟିଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବଜାରରେ ଆଳୁ କେଜି ପ୍ରତି ୩୮ରୁ ୪୦ଟଙ୍କା ରହିଥିବା ବେଳେ ପିଆଜ କେଜି ପ୍ରତି ୪୫ରୁ ୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଉଥିବା ଜଣାପଡ଼ିଥିଲା।

## ମହିଳାଙ୍କୁ ଘୋଷାରି ମାଡ଼ ମାରିବା ଘଟଣା, ୨ ଗିରଫ

**ଡେଲାଙ୍ଗ,୪।୧୨(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ହରିରାଜପୁର ଗ୍ରାମରେ ଜଣେ ମହିଳାକୁ ଅମାନବୀୟ ଭାବେ ମାଡ଼ମାରିବା ଘଟଣାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ଜଣ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ହରିରାଜପୁର ଗ୍ରାମର ରଶ୍ମିକାନ୍ତ ପାତ୍ର ଓ ରବୀନ୍ଦ୍ର ପାତ୍ର। ସୂଚନା ଥାଉ କି, ଅଭିଯୋଗକାରୀ କବିତା ପ୍ରଧାନଙ୍କ ଅଜା ନାରାୟଣ ପାତ୍ରଙ୍କ କୌଣସି ପୁଅ ନ ଥିବାରୁ କବିତାଙ୍କ ସପରିବାର ତାଙ୍କ ଘରେ ରହୁଛନ୍ତି। ନାରାୟଣଙ୍କ ସମ୍ପତ୍ତି ହାତେଇବା ପାଇଁ ଗତ ୩୦ ତାରିଖରେ ପଡୋଶୀଙ୍କ କେତେଜଣ ସମ୍ପର୍କୀୟ କବିତାଙ୍କୁ ଘରୁ ଘୋଷାରି ଆଣି ଗାଁ ମଝିରେ ଆକ୍ରମଣ କରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ କବିତାଙ୍କ ସ୍ୱାମୀ ଓ ୨ଟି ପିଲାଆହତ ହୋଇଥିଲେ। ଏ ନେଇ ପୋଲିସ ନଂ.୨୧୭/୨୦ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ଅନିୟମିତତା ହୋଇନି: ଗୋପ ବିଡିଓ

**ଗୋପ,୪।୧୨(ଡି.ଏନ୍.ଏ.):** ନିମାପଡ଼ା ଆକ୍ସିସ ବ୍ୟାଙ୍କରେ ଜମା ରହିଥିବା ଗୋପ ବ୍ଲକର ସରକାରୀ ଟଙ୍କା ଆତ୍ମସାତ ହୋଇଥିବା ନେଇ ଭାଜପା ପକ୍ଷରୁ ଗୋପ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ଗୋପ ବିଡିଓ ଦୀପ୍ତିରାଣୀ ଦାସ ଖଣ୍ଡନ କରିବା ସହ ସରକାରୀ ଜମାଖାତାରେ ସେଭଳି ଅନିୟମିତତା ହୋଇ ନ ଥିବା କହିଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ଗୋପ ବ୍ଲକରେ ଆକ୍ସିସ ବ୍ୟାଙ୍କ ଜମାଖାତା ନମ୍ବର ୫୮୦୩୩୧ ରେ ଦେଢ କୋଟି ଟଙ୍କା ଜମା କରାଯାଇଥିଲା। ପରେ ବ୍ୟାଙ୍କ ପକ୍ଷରୁ ଏହି ଟଙ୍କାରେ ଆସିଥିବା ସୁଧ ବାବଦକୁ ୫୨ ହଜାର ୭ ଶହ ଟଙ୍କା ପୁନଶ୍ଚ ସେହି ଜମା ଖାତା ନମ୍ବରରେ ରଖାଯାଇଥିଲା। ୨୦୧୮-୧୯ ଆର୍ଥିକ ବର୍ଷରେ ବ୍ଲକରେ କରାଯାଇଥିବା ଅଡିଟ୍ ସମୟରେ ଏହି ଟଙ୍କା ଜମାର କେତେକ ଭୁଲ ଥିବା ଜଣାପଡ଼ିଥିଲା।

# ‘କଠିନ ପରିଶ୍ରମ ହିଁ ସ୍ୱପ୍ନକୁ ସାକାର କରିବ’

**ଜଟଣୀ,୪।୧୨(ଡି.ଏନ୍.ଏ.)**

### ଆଇଆଇଟି ଭୁବନେଶ୍ୱରରେ ୯ମ ସମାବର୍ତ୍ତନ ଉତ୍ସବ



ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ଅତିଥି ବୃନ୍ଦ।

ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱରର ୯ମ ସମାବର୍ତ୍ତନ ଉତ୍ସବ ଶୁକ୍ରବାର ଜଟଣୀସ୍ଥିତ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ୍ ନିଶଙ୍କ ଭିଡିଓ କନଫରେନ୍ସ ମାଧ୍ୟମରେ ଯୋଗଦେଇ କଠିନ ପରିଶ୍ରମ ଓ ଅଧ୍ୟବସାୟ ଦ୍ୱାରା ନିଜ ସ୍ୱପ୍ନ ସାକାର କରିପାରିବେ ବୋଲି ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ନୂତନ ବିଦ୍ୟାର୍ଥୀଙ୍କ ଭବିଷ୍ୟତକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ସରକାରଙ୍କ ଶିକ୍ଷାନୀତି-୨୦୨୦ ସୁଦୃଢ଼ ପଥ ସୃଷ୍ଟି କରିବ ବୋଲି କହିଛନ୍ତି। କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ଏହି ଉତ୍ସବ ଉଭୟ ଅନ୍‌ଲାଇନ୍ ଓ ଫିଜିକାଲ ମୋଡ୍‌ରେ ଆୟୋଜିତ ହୋଇଥିଲା। ଆଇଆଇଟି ବୋର୍ଡ ଅଫ୍ ଗଭର୍ନସ ଚେୟାରମ୍ୟାନ ଡ. ରାଜେନ୍ଦ୍ର ପ୍ରସାଦ ସିଂ ଅନ୍‌ଲାଇନ୍ ମାଧ୍ୟମରେ ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ। କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ଧୋତ୍ରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ଅଭିଯାନ ଦେଶ ମଧ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଆତ୍ମ ନିର୍ଭରଶୀଳ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍. ଭି. ରାଜା କୁମାର ରିପୋର୍ଟ ପାଠକରି ଦେଶ ବିଦେଶରେ ଏହି ଶିକ୍ଷାନୁଷ୍ଠାନ ଅର୍ଜନ କରିଥିବା କୃତି ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ବିଟେକ୍ କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ଛାତ୍ର ଆଦିତ୍ୟ ପାଲଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ସହ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ସେହିପରି ଏମ୍‌ଟେକ୍‌ର ସଙ୍କେତ ଦେ ଚୌଧୁରୀ ଏବଂ ଏମ୍‌ଏସ୍‌ସିର ସୌଭିକ୍ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶକ ସ୍ୱର୍ଣ୍ଣପଦକ ସହ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟପଦକ ପ୍ରଦାନ କରାଯାଇଥିଲା। ବିଟେକ୍‌ର ଅରବିନ୍ଦ ଟି.କେ.ଆର୍, ଅଭିଷେକ ମିଶ୍ର, ଅମନ ସିଂଘାଲ, ମନପୁରମ୍ ଜ୍ୟୋତି ଭେଙ୍କଟସାଇ ଆଦିତ୍ୟ ଏବଂ ଶୁଭଜିତ ମଣ୍ଡଳ ଇନ୍‌ଷ୍ଟିଚ୍ୟୁଟ୍ ରୌପ୍ୟପଦକ ହାସଲ କରିଥଲେ। ସେହିପରି ଏମ୍‌ଟେକ୍‌ରେ ଦୁସାନେ ଆଜିଙ୍କ୍ୟ ରାଜେନ୍ଦ୍ର, ପ୍ରିୟବ୍ରତ ଦାସ, ଅନୁପ କୁମାର ଯାଦବ, ଗୌରବ ଭଟ୍ଟାଚାର୍ଯ୍ୟ, ଖାଦକେ ଲିନା ସଞ୍ଜୟ ଓ ଦେବଜିତ ରାଣାଙ୍କୁ ରୌପ୍ୟପଦକ ଦିଆଯାଇଥିଲା। ଏମ୍‌ଏସି ବ୍ୟାଚ୍‌ରେ ଅଧାଇନା ସୁସାନ ଜେମ୍‌ସ, ଦେବବ୍ରତ ମଣ୍ଡଳ, ସୁଦେଷ୍ଣା ଗୋସ୍ୱାମୀ ଏବଂ ଅର୍କପ୍ରଭା ରାୟଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଷ୍ଟୁଡେଣ୍ଟ ଆକ୍ଟିଭିଟିଜ୍ ସେଣ୍ଟର, ଖେଳପଡ଼ିଆ, ସ୍କୁଲ ଅଫ୍ ହ୍ୟୁମାନିଟିଜ ବିଲ୍‌ଡିଂ ମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା।

# ମୃତ୍ୟୁକାଳୀନ ଜମାନବନ୍ଦୀ ସତ୍ୟତାରେ ଅନ୍ୟ ପ୍ରମାଣର ଆବଶ୍ୟକତା ନାହିଁ

**କଟକ ଅଫିସ, ୪।୧୨**



ମୃତ୍ୟୁକାଳୀନ ଜମାନବନ୍ଦୀ ଯଦି ସ୍ୱେଚ୍ଛାକୃତ ଭାବେ ଦିଆଯାଇଥାଏ ଏବଂ ଏଥିରେ ସମ୍ପୂର୍ଣ୍ଣ ସତ୍ୟତା ଅଛି ବୋଲି କୋର୍ଟ ଅନୁଭବ କରନ୍ତି ତେବେ ଅନ୍ୟ କୌଣସି ସାକ୍ଷୀ ପ୍ରମାଣର ଆବଶ୍ୟକତା ନାହିଁ। ହାଇକୋର୍ଟ ବିଚାରପତି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜାମିନ୍ ଆବେଦନର ଶୁଣାଣି କରି ଏହି ରାୟ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ମୟୂରଭଞ୍ଜ ଜିଲା ବହଳଦା ଥାନା ଅଞ୍ଚଳର ମହମ୍ମଦ ୱାସିମ ୨୦୧୯ ନଭେମ୍ବର ୨୫ରେ ଯୌତୁକ ଦାବି କରି ସ୍ତ୍ରୀଙ୍କ ଉପରକୁ କିରୋସିନ ଢାଳି ମାରିବାକୁ ଚେଷ୍ଟା କରିଥିଲେ ବୋଲି ମହିଳାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ହସ୍ପିଟାଲରେ ପୀଡିତାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ରେକର୍ଡ କରାଯାଇଥିଲା। ସେଥିରେ ପୀଡିତା କହିଥିଲେ, ଭୋର ସମୟରେ ଘରେ ରୋଷେଇ କରୁଥିବାବେଳେ କିରୋସିନ ଜାର୍‌କିନ ଗ୍ୟାସ୍ ଚୁଲା ଉପରେ ଖସି ପଡିଥିଲା। ଫଳରେ ନିଆଁ ଲାଗିଯାଇଥିଲା। ସେହି ସମୟରେ ୱାସିମ ଗାଧୋଇବା ପାଇଁ ପୋଖରୀକୁ ଯାଇଥିଲେ ବୋଲି କହିଥିଲେ। ପରେ ମହିଳାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ମହିଳାଙ୍କ ସ୍ୱାମୀ ୱାସିମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ସ୍ୱାମୀ ନିମ୍ନ ଅଦାଲତରେ ଜାମିନ ଆବେଦନ କରିଥିଲେ ମଧ୍ୟ ତାହା ଖାରଜ ହୋଇଥିଲା। ପରେ ୱାସିମ ୭।୮।୨୦୨୦ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଜାମିନ ଆବେଦନ କରିଥିଲେ। ଉକ୍ତ ଜାମିନ୍ ଆବେଦନର ଶୁଣାଣି ସମୟରେ ଖଣ୍ଡପୀଠ ମହିଳାଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଆଧାର କରି ୱାସିମଙ୍କୁ ନିମ୍ନ ଅଦାଲତ ସର୍ତ୍ତ ରଖି ଜାମିନ ଦେଇପାରିବେ ବୋଲି କହିଛନ୍ତି।



ନୂତନ କୃଷି ଆଇନକୁ ବିରୋଧ କରି ଶୁକ୍ରବାର ବିଭିନ୍ନ ସଙ୍ଗଠନ ଭୁବନେଶ୍ୱର ସତ୍‌ସଙ୍ଗ ବିହାର ଛକଠାରେ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି।

## ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଟଙ୍କା ନେଉଛନ୍ତି ଡେଲିଭରି କର୍ମଚାରୀ

**ନିରାକାରପୁର,୪।୧୨**

ସାଧାରଣ ଲୋକ କିଭଳି ଜାଳେଣି ପାଇଁ ହଇରାଣ ନ ହେବେ ସେଥିଲାଗି ସରକାର ବିଭିନ୍ନ ଯୋଜନା କରିଛନ୍ତି। ଲୋକଙ୍କ ପାଖରେ କିଭଳି ଗ୍ୟାସ ପହଞ୍ଚିପାରିବ ସେ ନେଇ ପ୍ରତ୍ୟେକ ଅଞ୍ଚଳରେ ଗୋଟିଏ ଗ୍ୟାସ ଗୋଡାଉନ ବିତରକ କେନ୍ଦ୍ର ଖୋଲିଛନ୍ତି। ଏହା ସହ ଗ୍ରାହକଙ୍କୁ ଗ୍ୟାସ ଯୋଗାଇ ଦେଉଛନ୍ତି। ସରକାରୀ ନିୟମ ଅନୁସାରେ ସହରାଞ୍ଚଳରେ ୫କି.ମି. ଏବଂ ଗ୍ରାମାଞ୍ଚଳରେ ୧୫ କି.ମି. ପର୍ଯ୍ୟନ୍ତ ମାଗଣରେ ଗ୍ୟାସ ଯୋଗାଇ ଦିଆଯିବା ନିୟମ ରହିଛି। କିନ୍ତୁ ନିରାକାରପୁର ଅଞ୍ଚଳରେ କେତେଜଣ ଡେଲିଭରି କର୍ମଚାରୀ ଗୋଟିଏ ଜାଗାରେ ଗ୍ରାହକଙ୍କୁ ଗ୍ୟାସ ଦେବା ସହ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ୩୦ରୁ ୩୫ ଟଙ୍କା ଲେଖାଏ ନେଉଛନ୍ତି। ଆଉ କେହି ଘରେ ଗ୍ୟାସ ପହଞ୍ଚାଇଦେଲେ ୫୦ଟଙ୍କା ନେଉଥିବା ଅଭିଯୋଗ ହେଉଛି। ଗାହକ ପ୍ରକାଶ ପରିଡ଼ା କହିଛନ୍ତି, ଗ୍ୟାସ ବିଲ୍‌ରେ ୬୨୦ଟଙ୍କା ୫୦ପଇସା ଲେଖାଥିବା ବେଳେ ଡେଲିଭରି କର୍ମଚାରୀମାନେ ୬୫୦ଟଙ୍କା ନେଉଛନ୍ତି। ଅଧିକ ଟଙ୍କା କାହିଁକି ନେଉଛ ପଚାରିବାରୁ, ଗାଡ଼ି ଖର୍ଚ୍ଚ ନିଆଯାଉଛି ବୋଲି ସେମାନେ କହିଥାନ୍ତି। ଏ ନେଇ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## କ୍ରିକେଟ: ଫାଇନାଲରେ ରାଇଜିଂଷ୍ଟାର

**ଖୋର୍ଦ୍ଧା ଅଫିସ,୪।୧୨**

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ କ୍ରିକେଟ ପଡ଼ିଆରେ ଅନୁଷ୍ଠିତ ଷ୍ଟାରକପ୍ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଶୁକ୍ରବାର ଖୋର୍ଦ୍ଧା କଳିଙ୍ଗ କ୍ଲବକୁ ୧୧୮ରନରେ ପରାସ୍ତ କରି କୁମାରବସ୍ତର ରାଇଜିଂଷ୍ଟାର ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ରାଇଜିଂଷ୍ଟାର ପ୍ରଥମେ ଟସ ଜିତି ନିର୍ଦ୍ଧାରିତ ୧୮ଓଭରରେ ୭ ଉଇକେଟ ହରାଇ ୨୦୭ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସର୍ବାଧିକ ଏସ୍.ଆର. ରାୟ ୧୦୩ରନ ସଂଗ୍ରହ କରିଥିବା ବେଳେ ଶ୍ରଦ୍ଧାକର ପାତ୍ର ୪୨ରନ ସଂଗ୍ରହ କରିଥିଲେ। ଜବାବରେ କଳିଙ୍ଗ କ୍ରିକେଟ କ୍ଲବ ୧୩ ଓଭରରେ ୯୨ରନ ସଂଗ୍ରହ କରି ଅଲଆଉଟ୍ ହୋଇଯାଇଥିଲେ। ଦଳ ପକ୍ଷରୁ ଗିରିଶ ନାୟକ ସର୍ବାଧିକ ୨୮ରନ ସଂଗ୍ରହ କରିଥିଲେ। ରାଇଜିଂଷ୍ଟାରର ଏସ.ଆର ରାୟ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ସନ୍ଦିପ ପବନସିଂ ଓ ଦୁର୍ଯ୍ୟୋଧନ ପରିଡ଼ା ପରିଚାଳନା କରିଥିଲେ। ଅଭିଶେକ ପାଢଶାଣୀ ସ୍କୋରରେ ସହାୟତା କରିଥିଲେ।

# ଭିଙ୍ଗାରପୁର ଡାକ୍ତରଖାନାକୁ ଏରିଆ ହସ୍ପିଟାଲ ମାନ୍ୟତା ଦାବି

**ବାଲିଅନ୍ତା,୪।୧୨(ଡି.ଏନ୍.ଏ.)**

### ହସ୍ପିଟାଲ ପରିସରରେ ଗ୍ରାମବାସୀଙ୍କ ଧାରଣା

ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁରସ୍ଥିତ ସରକାରୀ ଡାକ୍ତରଖାନାକୁ ଏରିଆ ହସ୍ପିଟାଲରେ ପରିଣତ କରିବା ଦାବି ନେଇ ଶୁକ୍ରବାର ଗଣଧାରଣା ଦିଆଯାଇଥିଲା। ୫ଟି ପଞ୍ଚାୟତର ୩୦୦ରୁ ଊର୍ଦ୍ଧ୍ୱ ଲୋକେ ହସ୍ପିଟାଲ ପରିସରରେ ଧାରଣାରେ ସାମିଲ ଥିଲେ। ୧୯୨୬ ମସିହାରୁ ସ୍ଥାପିତ ଏହି ଡାକ୍ତରଖାନାକୁ ଏରିଆ ହସ୍ପିଟାଲ ମାନ୍ୟତା ପ୍ରଦାନ ନେଇ ଦୀର୍ଘବର୍ଷ ହେଲ ଦାବି ହୋଇଆସୁଥିଲା। ଏନେଇ ଗତ ୧୮ତାରିଖରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ହେଲେ ପଦକ୍ଷେପ ନିଆ ନଯିବାରୁ ଶୁକ୍ରବାର ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହି ଧାରଣା ଭିଙ୍ଗାରପୁର ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ବାରିକ, ସାମାଜିକ କର୍ମୀ ଲକ୍ଷ୍ମୀପ୍ରିୟା ଭୋଇ, ଜିଲା ପରିଷଦ ସଭ୍ୟ ଚୌଧୁରୀ ଦ୍ୱାରିକାନାଥ ଦାଶଙ୍କ ନେତୃତ୍ୱରେ ଅଞ୍ଚଳବାସୀ ସାମିଲ ହୋଇଥିଲେ। ଧାରଣାର ପ୍ରାୟ ୪ଘଣ୍ଟା ପରେ ଅପରାହ୍ନ ସାଢ଼େ ୩ଟାରେ ୧୮ନଂ. ଜିଲା ପରିଷଦ ସଭ୍ୟା ଭାଗ୍ୟଲକ୍ଷ୍ମୀ ମିଶ୍ର, ସରପଞ୍ଚ ଜୟଶ୍ରୀ ନାୟକ, ମୂରଲୀଧର ସାହୁ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଏହି ଦାବି ପୂରଣ ପାଇଁ ସମସ୍ତ ସହଯୋଗ କରାଯିବ ବୋଲି କହିଥିଲେ। ଏକ ସପ୍ତାହ ମଧ୍ୟରେ ଏ ବିଷୟରେ ବିଭାଗୀୟ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ସଚିବ ଏବଂ ନିର୍ଦ୍ଦେଶକଙ୍କୁ ଭେଟି ଜଣାଇବୁ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଗ୍ରାମବାସୀ ଓହରିଥିଲେ।

## ୩ ଢାବାରେ ଚଢ଼ାଉ: ୩ କର୍ମଚାରୀ ଗିରଫ

**ନିମାପଡ଼ା,୪।୧୨(ଡି.ଏନ୍.ଏ.)**

ପୁରୀ ଅବକାରୀ ମୋବାଇଲ ସ୍କ୍ୱାଡ ପକ୍ଷରୁ ଶୁକ୍ରବାର କାକଟପୁର, ପାଟପୁର, ବାଜପୁର, ଗୋପୀନାଥପୁ, ରଙ୍କୋଇ, ଓଥକା, କୁଣ୍ଡେଇହାଟ ପ୍ରଭୃତି ଅଞ୍ଚଳରେ ଚଢ଼ାଉ କରାଯାଇଥିଲା। କାକଟପୁର ଅଞ୍ଚଳର ୩ଟି ଢାବାରେ ମଦ କାରବାର ନେଇ ଅଭିଯୋଗ ପାଇବା ପରେ ଚଢ଼ାଉ କରି ୫୦ବୋତଲ ଚୋରା ମଦ ଜବତ କରାଯାଇଛି। ଏହାସହ ଢାବାର ୩ କର୍ମଚାରୀ କାକଟପୁର ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ବିକ୍ରମ ସାହୁ, ରମ୍ପୋଇ ଗ୍ରାମର କୈଳାସଚନ୍ଦ୍ର ବେହେରା ଓ ପାଟପୁର ଗ୍ରାମର ସୋବନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ନଂ.୧୦୭,୧୦୮,୧୦୯/୨୦ରେ ମାମଲା ରୁଜୁ କରାଯାଇଛି। ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ ହୋଇଥିଲା।

## ମଙ୍ଗଳାଯୋଡ଼ିରେ ‘ମାଲାର୍ଡ’ ପକ୍ଷୀ



**ଭୁବନେଶ୍ୱର,୪।୧୨(ବ୍ୟୁରୋ)**

ଶୀତ ଆରମ୍ଭରୁ ବିହଙ୍ଗ ଭୂସ୍ୱର୍ଗ ମଙ୍ଗଳାଯୋଡ଼ିକୁ ବିଦେଶୀ ପକ୍ଷୀଙ୍କ ଆଗମନ ଆରମ୍ଭ ହୋଇଛି। ପ୍ରଥମଥର ସେଠାରେ ବିରଳ ପ୍ରଜାତିର ‘ମାଲାର୍ଡ’ ପକ୍ଷୀ ଶୁକ୍ରବାର ଠାବ ହୋଇଛି। ବାର୍ଡ ଗାଇଡ୍ ମଧୁ ବେହେରା ଏହି ପକ୍ଷୀଟିକୁ ଦେଖି ତା’ର ଫଟୋ ଉଠାଇଥିଲେ। ଯାଞ୍ଚବେଳେ ଜଣାପଡିଛି ଯେ, ଏହି ପକ୍ଷୀର ବୈଜ୍ଞାନିକ ନାମ ଆନସ ପ୍ଲାଟିରିଙ୍କସ (Anas platyrhyn-chos)। ଏମାନେ ସାଧାରଣତଃ ଉତ୍ତର ଆମେରିକା ଏବଂ ୟୁରେସିଆ ଅଞ୍ଚଳରେ ଦେଖାଯାଆନ୍ତି। ଆଗରୁ ଅନେକ ଦିନ ତଳେ ଚିଲିକା ନଳ ବଣରେ ଥରେ ଏହି ମାଲାର୍ଡ ପକ୍ଷୀ ଦେଖା ଦେଇଥିଲେ। କିନ୍ତୁ ମଙ୍ଗଳାଯୋଡ଼ିକୁ କେବେ ବି ଆସିଥିବାର ନଜିର ନାହିଁ ବୋଲି ପକ୍ଷୀ ବିଶେଷଜ୍ଞ ଗହର ଆବେଦିନ କହିଛନ୍ତି। ତେବେ ୨୦୧୮ରେ ଭିତରକନିକା ଜାତୀୟ ଉଦ୍ୟାନରେ ମଧ୍ୟ ଏହି ପକ୍ଷୀ ଠାବ ହୋଇଥିଲା।

## ଚିଲିକାରେ ନୌସେନା ଦିବସ

**ବାଲୁଗାଁ,୪।୧୨(ଡି.ଏନ୍.ଏ.)**

ଭାରତୀୟ ନୌସେନା ବିଭାଗ ଚିଲିକା ଶାଖା ତାଲିମ କେନ୍ଦ୍ରରେ ଶୁକ୍ରବାର ନୌସେନା ଦିବସ ପାଳିତ ହୋଇଯାଇଛି। ୧୯୭୧ ମସିହା ଇଣ୍ଡୋ-ପାକ୍ ଯୁଦ୍ଧରେ ଭାରତର ଗୌରବମୟ ବିଜୟର ୫୦ତମ ବାର୍ଷିକ ତଥା ସ୍ୱର୍ଣ୍ଣିମ ବିଜୟ ବର୍ଷ ଭାବେ ମଧ୍ୟ ପାଳନ କରାଯାଉଛି। ଚିଲିକା ଶାଖା କମୋଡର ରିତୁରାଜ ସାହୁ ପ୍ରାରମ୍ଭରେ ଶହୀଦଙ୍କ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ୧୯୭୧ ଯୁଦ୍ଧରେ ଭାରତୀୟ ନୌସେନାର ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଯୁଦ୍ଧରେ ବଳିଦାନ ଦେଇଥିବା ନୌସେନା ଯୋଦ୍ଧାଙ୍କ ସ୍ମୃତିଚାରଣ କରାଯାଇଥିଲା। ନିଃସ୍ୱାର୍ଥପର ସେବା ଏବଂ ବିପର୍ଯ୍ୟୟ ସମୟରେ କର୍ତ୍ତବ୍ୟ ବୋଧତା ନେଇ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ନାଭାଲ ଶିଶୁ ଉଦ୍ୟାନରେ ପିଲାମାନଙ୍କୁ ଆକୃଷ୍ଟ ନିମନ୍ତେ ଏକ ଯୁଦ୍ଧ ଜାହାଜାକୃତିମଡେଲ ନିର୍ମାଣ କରାଯାଇଥିଲା।


ଚିଲିକା ଶାଖା କମୋଡର ରିତୁରାଜ ସାହୁ ଶହୀଦଙ୍କ ସ୍ମୃତି ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିବାକୁ ଯାଉଛନ୍ତି।

# ଅବହେଳିତ ଅବସ୍ଥାରେ ଦଧିବାମନ

**ଖୋର୍ଦ୍ଧା ଅଫିସ,୪।୧୨**

- ୪ଶହ ବର୍ଷର ପୁରାତନ ଐତିହ୍ୟ କୀର୍ତ୍ତିରାଜି
- ପୁନରୁଦ୍ଧାର ପାଇଁ ସରକାରୀ ପଦକ୍ଷେପ ନାହିଁ



ଖୋର୍ଦ୍ଧା ସନ୍ନିକଟ ମୁସଲମାନ ଅଧ୍ୟୁଷିତ କେରଙ୍ଗ ପଞ୍ଚାୟତର ଦିବ୍ୟସିଂହଦେବପୁର ଗ୍ରାମରେ ରହିଛି ଦଧିବାମନ ମନ୍ଦିର। ତତ୍କାଳୀନ ଖୋର୍ଦ୍ଧା ରାଜା ଦିବ୍ୟସିଂହ ଦେବଙ୍କ ନାମରେ ସ୍ଥାପିତ ଏହି ଗ୍ରାମରେ ପ୍ରାୟ ୪ଶହ ବର୍ଷ ହେଲା ପ୍ରଭୁ ଦଧିବାମନ ପୂଜା ପାଇଆସୁଛନ୍ତି। ତେବେ ରକ୍ଷଣାବେକ୍ଷଣ ଓ ସରକାରୀ ଅନୁଦାନ ଅଭାବରୁ ଅଧୁନା ଏହି ମନ୍ଦିର ଅବହେଳିତ ହୋଇ ପଡ଼ିଛି। ପୂର୍ବରୁ ଦଧିବାମନଙ୍କ ନାମରେ ରାଜାମାନେ ବହୁ ଜମି ଖଞ୍ଜିଥିଲେ ମଧ୍ୟ ଏବେ ମନ୍ଦିରକୁ କିଛି ଖଜଣା ଆସୁନାହିଁ। ଏଠାରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣି ମଧ୍ୟ ଅର୍ଥାଭାବରୁ ବନ୍ଦ ରହିଛି। ଠିକ୍ ଭାବେ ଦୈନିକ ରୀତିନୀତି ହୋଇପାରୁନାହିଁ। ଠାକୁରଙ୍କୁ କେବଳ ଛଡ଼ା ତୁଳସୀ ଓ ବାଳଭୋଗ ଲାଗିକରାଯାଉଛି। ରାଜ୍ୟ ସରକାର ଐତିହ୍ୟ କୀର୍ତ୍ତିରାଜିର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନେଉଥିବାବେଳେ ଏହି ପ୍ରାଚୀନ ମନ୍ଦିର ପ୍ରତି ଦୃଷ୍ଟି ଦେଉନାହାନ୍ତି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ପ୍ରଭୁ ଦଧିବାମନଙ୍କ ଦୈନିକ ରୀତିନୀତି ଲାଗି ଗଜପତି ଦିବ୍ୟସିଂହ ଦେବ ୩ ବାଟି ଜମି ଖଞ୍ଜିଥିଲେ। ତାହା ଏବେ ଅନେକ ଲୋକଙ୍କ କବ୍‌ଜାରେ ରହିଛି। ଠାକୁରପଡ଼ା, ବରସାହି, କୁଣ୍ଡିଲେ ଗ୍ରାମରେ ଠାକୁରଙ୍କର ବହୁ ଜମି ଥିଲେ ବି ସେ ବାବଦରେ କିଛି ମନ୍ଦିରକୁ ଆସୁନାହିଁ। ପୂଜକ ବାଉରୀବନ୍ଧୁ ଆଚାର୍ଯ୍ୟଙ୍କ ପରିବାର ବଂଶାନୁକ୍ରମେ ଦଧିବାମନଙ୍କ ପୂଜାର୍ଚ୍ଚନା କରିଆସୁଛନ୍ତି। ମନ୍ଦିର ନ ଥିବାରୁ ଗତ ୫ବର୍ଷ ହେଲା ବାଉରୀବନ୍ଧୁଙ୍କ ପରିବାରବର୍ଗ ଦାନ ଅର୍ଥରେ ୨ବଖରା ଘର କରି ଦଧିବାମନଙ୍କୁ ପ୍ରତିଷ୍ଠା କରାଇଛନ୍ତି।

ଐତିହ୍ୟ ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କହିଛନ୍ତି, ଖୋର୍ଦ୍ଧା ରାଜାମାନଙ୍କ ୨୩୫ ବର୍ଷର ରାଜତ୍ୱ (୧୫୬୮-୧୮୦୪ ଡିସେମ୍ବର ୪) କାଳରେ ହିନ୍ଦୁ ସଂସ୍କୃତିର ପ୍ରସାର ଉଦ୍ଦେଶ୍ୟରେ ଖୋର୍ଦ୍ଧା ରାଜ୍ୟରେ ପ୍ରାୟ ୧୫୨୭ଟି ମନ୍ଦିର ନିର୍ମିତ ହୋଇଥିଲା। ତନ୍ମଧ୍ୟରୁ ଦଧିବାମନ ମନ୍ଦିର ଅନ୍ୟତମ। ଖୋର୍ଦ୍ଧା ରାଜବଂଶରେ ୨ଜଣ ଦିବ୍ୟସିଂହ ଦେବ ରାଜତ୍ୱ କରୁଥିଲେ। ୧୬୮୮ରୁ ୧୭୧୬ ପର୍ଯ୍ୟନ୍ତ ପ୍ରଥମ ଦିବ୍ୟସିଂହ ଦେବ ୨୮ବର୍ଷ ଧରି ରାଜତ୍ୱ କରିଥିଲେ। ସେତେବେଳେ ଔରଙ୍ଗଜେବଙ୍କ ହିନ୍ଦୁ ଧର୍ମ ବିଧ୍ୱଂସୀ ନୀତି ଯୋଗୁ ଓଡ଼ିଶାର ବହୁ ପ୍ରାଚୀନ ମନ୍ଦିର ବଳପୂର୍ବକ ଭଙ୍ଗାଯାଇ ମସଜିଦ୍ ନିର୍ମାଣ କରାଯାଇଥିଲା। କେନ୍ଦ୍ରାପଡ଼ାର ବଳଦେବ ଜୀଉ, ଝଙ୍କଡ଼ର ଶାରଳା ପୀଠ, ଯାଜପୁର ଓ ପିପିଲିର ଅନେକ ଦେବାଳୟ ଭଙ୍ଗାଯାଇ ମସଜିଦ୍ ନିର୍ମାଣ ହୋଇଥିଲା। ଔରଙ୍ଗଜେବଙ୍କ ଆଦେଶରେ ପୁରୀ ଶ୍ରୀମନ୍ଦିର ଧ୍ୱଂସ ପାଇଁ ଚକ୍ରାନ୍ତ ଚାଲିଥିବା ସମୟରେ ଦିବ୍ୟସିଂହ ଦେବଙ୍କ ଦୂରଦୃଷ୍ଟି ଯୋଗୁ ତାହା ସଫଳ ହୋଇପାରି ନ ଥିଲା। ଚତୁର୍ଦ୍ଧାବିଗ୍ରହଙ୍କୁ ବାଣପୁର ଆଣି ଲୁଚାଇ ରଖାଯାଇଥିଲା। ଜନଶ୍ରୁତି ରହିଛି, ଖୋର୍ଦ୍ଧା ଓ ବାଙ୍କୀ ସୀମାଯୁଦ୍ଧ ସମୟରେ କେରଙ୍ଗ ସୈନ୍ୟମାନେ ଯୁଦ୍ଧର ବିଜୟ ସ୍ୱରୂପ ବିପୁଳ ଧନରତ୍ନ ଏବଂ ଦଧିବାମନଙ୍କୁ ସାଥିରେ ନେଇଆସିଥିଲେ। ଏହି ଖବର ପାଇ ଦିବ୍ୟସିଂହ ଦେବ ସେଠାରେ ଏକ ବ୍ରାହ୍ମଣ ବସତି (ଦିବ୍ୟସିଂହପ୍ରସାଦ ନାମରେ ନାମିତ) ସ୍ଥାପନ ସହ ଦଧିବାମନଙ୍କୁ ପ୍ରତିଷ୍ଠା କରାଇଥିଲେ। ପରବର୍ତ୍ତୀ ସମୟରେ ସେଠାକାର ବ୍ରାହ୍ମଣ ପରିବାର ସ୍ଥାନୀୟ ଭଗବତୀପ୍ରସାଦ ଗ୍ରାମକୁ ସ୍ଥାନାନ୍ତରିତ ହୋଇଯାଇଛନ୍ତି। ଦିବ୍ୟସିଂହପ୍ରସାଦ ଗ୍ରାମ କିନ୍ତୁ ରହିଛି। ଏହା ସନ୍ନିକଟ କେରଙ୍ଗରେ ଅହମଦୀୟା ମୁସଲିମ ଜମାତ୍ ସ୍ଥାପନ ହୋଇଛି। ଅନ୍ୟପକ୍ଷରେ ଦ୍ୱିତୀୟ ଦିବ୍ୟସିଂହ ଦେବ (୧୭୯୩-୧୭୯୮)ଙ୍କ ରାଜତ୍ୱ କାଳରେ ଏହି ମନ୍ଦିର ନିର୍ମାଣ ହୋଇ ନ ଥିବା ଜଣାଯାଏ। ତେବେ ଖୋର୍ଦ୍ଧା ରାଜ୍ୟର ଆସନ୍ନ ପତନ ଆରମ୍ଭ ହୋଇଥିଲା। ଭଗ୍ନ କୋଣାର୍କ ମନ୍ଦିରରେ ଥିବା ଅରୁଣସ୍ତମ୍ଭକୁ ଆଣି ସେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସ୍ଥାପନ କରିଥିଲେ। ବରୁଣେଇ ଖୋଲରେ ପଥର ଦୁର୍ଗ ତାଙ୍କର ଅନନ୍ୟ କୀର୍ତ୍ତି ବୋଲି ଐତିହାସିକ ଦାସ ମତବ୍ୟକ୍ତ କରିଛନ୍ତି।

